# NATIONAL NEWS BULLETIN (ODIA)

## 4 August - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ସଦନ ଆଜି ଦିନକ ପାଇଁ ମୁଲତବୀ ।
- ଗିନିଜ୍ ବିଶ୍ୱ ରେକର୍ଡ୍‌ରେ ସ୍ଥାନିତ ହେଲା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ୨୦୨୫ ।
- ୫ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀ ଠାରେ ପହଞ୍ଚିଲେ ଫିଲିପାଇନ୍ସ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରେ ସ୍ୱତନ୍ତ୍ର ପଞ୍ଜିକରଣ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଟେଷ୍ଟ ସିରିଜ୍ ୨-୨ରେ ଅମିମାଂଶିତ ଭାବେ ଶେଷ ।

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ସଂସଦର ଉଭୟ ସଦନକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ରାଜ୍ୟସଭାରେ ସଦସ୍ୟମାନେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେ.ଏମ୍.ଏମ୍. ପ୍ରତିଷ୍ଠାତା ଶିବୁ ସୋରେନଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏ ସମ୍ପର୍କରେ ଏକ ରିପୋର୍ଟ୍ –

ରାଜ୍ୟସଭାର ଅଧିବେଶନ ପୂର୍ବାହ୍ଣ ୧୧ଟାରେ ଆରମ୍ଭ ହେବା ମାତ୍ରେ ଉପାଧ୍ୟକ୍ଷ ହରିବଂଶ ରାଜ୍ୟସଭା ସଦସ୍ୟ ଶିବୁ ସୋରେନଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଶ୍ରୀ ସୋରେନ ଆଦିବାସୀ ସମ୍ପ୍ରଦାୟର ବିକାଶ ଏବଂ ଅଧିକାର ପାଇଁ ସାରା ଜୀବନ କାର୍ଯ୍ୟ କରିଥିଲେ ବୋଲି ଶ୍ରୀ ହରିବଂଶ କହିଥିଲେ । ଏହା ପରେ ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଥିଲା ।

ଲୋକସଭାର ଅଧିବେଶନ ପୂର୍ବାହ୍ଣ ୧୧ଟାରେ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ । ତେବେ ବିରୋଧୀ ସଦସ୍ୟଙ୍କ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଏବଂ ଅନ୍ୟାନ୍ୟ କେତେକ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିବାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା । ଅପରାହ୍ଣ ୨ଟାରେ ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିହାର ସ୍ୱତନ୍ତ୍ର ଭୋଟର

ତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ପାଇଁ ଦାବି ଉପସ୍ଥାପନ କରିବା ସହ ମଧ୍ୟଭାଗକୁ ଆସି ହଟ୍ଟଗୋଳ ସୃଷ୍ଟି କରିଥିଲେ ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ବିରୋଧୀଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ପରିଚାଳନା ପରାମର୍ଶଦାତା କମିଟି ବୈଠକରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୫ ଏବଂ ଜାତୀୟ ନିଶା ନିବାରଣ ସଂଶୋଧନ ବିଲ୍ ୨୦୨୫ ଉପରେ ଆଲୋଚନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । କ୍ରୀଡ଼ା କ୍ଷେତ୍ର ଲାଗି ଏହି ବିଲ୍ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ କାର୍ଯ୍ୟଧାରା ବ୍ୟାହତ ହେବା ଉଚିତ୍ ନୁହେଁ ବୋଲି ଶ୍ରୀ ରିଜିଜୁ କହିବା ସହ ବିରୋଧୀ ସଦସ୍ୟଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।

**V/O-Kiren Rijiju**

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଥିଲେ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ରୀଡ଼ା କ୍ଷେତ୍ର ଇକୋ ସିଷ୍ଟମ୍‌ରେ ଉନ୍ନତି ତଥା ସୁଦୃଢ଼ିକରଣରେ ଏହି ବିଲ୍ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି । ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ସମ୍ଭବ ହୋଇପାରି ନ ଥିଲା । ଫଳରେ ଗୃହକୁ ଆଜି ପାଇଁ ମୁଲତବୀ ରଖାଯାଇଛି ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସୁବାସ ଚନ୍ଦ୍ର ଶତପଥୀ ।

## ଶିବୁ ସୋରେନ୍ ଡେଥ୍

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେ.ଏମ୍.ଏମ୍. ପ୍ରତିଷ୍ଠାତା ଏବଂ ରାଜ୍ୟସଭା ସଦସ୍ୟ ଶିବୁ ସୋରେନ୍‌ଙ୍କର ଆଜି ସକାଳେ ନୂଆଦିଲ୍ଲୀରେ ୮୧ବର୍ଷ ବୟସରେ ପରଲୋକ ହୋଇଛି । କିଡ୍‌ନୀ ରୋଗରେ ପୀଡିତ ହୋଇ ପ୍ରାୟ ଏକମାସ ଧରି ସେ ଦିଲ୍ଲୀସ୍ଥିତ ସାର୍ ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ।

ଶିବୁ ସୋରେନ୍‌ଙ୍କ ପରଲୋକରେ ଝାଡ଼ଖଣ୍ଡରେ ଆଜିଠାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଶୋକ ପାଳନ କରାଯାଇଛି । ଝାଡ଼ଖଣ୍ଡ ବିଧାନସଭାର ମୌସୁମୀ ଅଧିବେଶନକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି ।

ଶିବୁ ସୋରେନ୍‌ଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଶ୍ରୀ ସୋରେନ୍‌ଙ୍କ ପରଲୋକ ସାମାଜିକ ନ୍ୟାୟ କ୍ଷେତ୍ରରେ ଏକ ବଡ କ୍ଷତି । ସେ ଜନଜାତିଙ୍କ ପରିଚୟ ଥିଲେ ଏବଂ ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଜଣେ ତୃଣମୂଳସ୍ତରୀୟ ନେତା ଭାବରେ ଶିବୁ ସୋରେନ୍ ସାଧାରଣ ଜୀବନରେ ଲୋକଙ୍କ ପ୍ରତି ଯେଉଁ ସମର୍ପଣ ଭାବ ପ୍ରଦର୍ଶନ କରିଯାଇଛନ୍ତି ତାହା ଅପୂରଣୀୟ ।

## ଗିନିଜ୍ ବିଶ୍ୱ ରେକର୍ଡ-ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ୨୦୨୫ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନିତ ହୋଇଛି । ଗୋଟିଏ ମାସରେ ସର୍ବାଧିକ ପଞ୍ଜିକରଣ ଆଧାରରେ ଏହି ରେକର୍ଡ଼ ସୃଷ୍ଟି ହୋଇଛି । ଏହି କାର୍ଯ୍ୟକ୍ରମ ପାଇଁ ମାଇ ଗଭ୍ ପ୍ଲାଟ୍‌ଫର୍ମରେ ଅଷ୍ଟମ ସଂସ୍କରଣରେ ୩ କୋଟି ୫୩ ଲକ୍ଷ ବୈଧ ପଞ୍ଜିକରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ନେତୃତ୍ୱାଧୀନ ଏହା ଏକ ଅନନ୍ୟ ପ୍ଲାଟ୍‌ଫର୍ମ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ମତ ବିନିମୟ କରନ୍ତି । ସକାରାତ୍ମକ ଚିନ୍ତାଧାରା ନେଇ ପରୀକ୍ଷା ପ୍ରସ୍ତୁତିରେ ଏହି ପଦକ୍ଷେପ ବିଶେଷ ସହଯୋଗ ପ୍ରଦାନ କରିଥାଏ । ନୂଆଦିଲ୍ଲୀ ଠାରେ ଆଜି ଆୟୋଜିତ ଏକ ସମାରୋହରେ ଆନୁଷ୍ଠାନିକ ଭାବେ ଗିନିଜ୍ ବିଶ୍ୱ ରେକର୍ଡ଼ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବୈଦ୍ୟୁତିକ ଏବଂ

ଆଇ.ଟି. ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ ପ୍ରମୁଖ ଏହି ସମାରୋହରେ ଉପସ୍ଥିତ ଥିଲେ । ୨୦୧୮ ମସିହାରୁ ମାଇ ଗଭ୍ ପ୍ଲାଟ୍‌ଫର୍ମ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଆସୁଛି ।

## ରଣଧୀର ଜୟସ୍ୱାଲ-ଫିଲିପାଇନ୍ସ ପ୍ରେସିଡେଣ୍ଟ

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କୋସ୍ ଜୁନିୟର୍ ୫ ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀ ଠାରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରପତି ମାର୍କୋସ୍‌ଙ୍କୁ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଘେରିଟା ବିମାନ ବନ୍ଦର ଠାରେ ସ୍ୱାଗତ କରିଛନ୍ତି । ଭାରତ ଏବଂ ଫିଲିପାଇନ୍ସ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଅବସରରେ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

# ପିଏମ୍‌ଏମ୍‌ଭିଓ୍ୱାଇ

ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରେ ସ୍ୱତନ୍ତ୍ର ପଞ୍ଜିକରଣ କାର୍ଯ୍ୟକ୍ରମକୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଯୋଜନା ଅଧୀନରେ ଅଙ୍ଗନବାଡ଼ି ଏବଂ ଆଶାଦିଦିମାନେ ଘର ଘର ବୁଲି ଗର୍ଭବତୀ ଏବଂ ପ୍ରସବ ପରବର୍ତ୍ତୀ ମହିଳାମାନଙ୍କର ପଞ୍ଜିକରଣ କରାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରେ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଅର୍ଥ ସହାୟତା ପ୍ରଦାନ କରାଯିବା ସହ କନ୍ୟା ସନ୍ତାନ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଯୋଜନାରେ ୪ କୋଟି ୫୦ ହଜାର ଯୋଗ୍ୟ ମହିଳାଙ୍କୁ ବ୍ୟାଙ୍କ୍ ଏବଂ ପୋଷ୍ଟ ଅଫିସ୍ ଆକାଉଣ୍ଟ ମାଧ୍ୟମରେ ୧୯ ହଜାର ୨୮ କୋଟି ଟଙ୍କାର ମାତୃକାଳୀନ ସହାୟତା ପ୍ରଦାନ କରାଯାଇ ସାରିଲାଣି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

# ନେପାଳ ପ୍ରୋଜେକ୍ଟ

ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ଭାରତ ନେପାଳରେ ଏକ ନୂତନ ସହଯୋଗମୂଳକ ପ୍ରକଳ୍ପ ଆରମ୍ଭ କରିଛି । ନେପାଳରେ ପୋଷଣ ଯୁକ୍ତ ଚାଉଳ ଏବଂ ଯୋଗାଣ ଶୃଙ୍ଖଳ ପରିଚାଳନାକୁ

ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଭାରତ  ଏହି ପଦକ୍ଷେପ ଗ୍ରହଣ କରିଛି । ଭାରତ-ଜାତିସଂଘ ବିଶ୍ୱ କ୍ଷମତା ନିର୍ମାଣ ପ୍ରୟାସର ଏକ ଅଂଶସ୍ୱରୂପ ଗତ ପହିଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀ ଠାରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରକଳ୍ପ ମାଧ୍ୟମରେ ଭାରତ' ସଫଳ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଧାରିତ ପଦକ୍ଷେପକୁ ନେପାଳ ସହ ଆଦାନପ୍ରଦାନ କରିବ । ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନେପାଳର ଅଂଶିଦାରମାନେ ଦକ୍ଷ ଖାଦ୍ୟ ଯୋଗାଣ ଶୃଙ୍ଖଳ ପରିଚାଳନା ପାଇଁ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର ନେଇ ଭାରତରୁ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ  **'ସାଇବର ଠକେଇରୁ ସୁରକ୍ଷିତ ରହିବାର ଉପାୟ'** ଶୀର୍ଷକ ଆଲୋଚନା ପ୍ରଚାର କରାଯିବ । ସାଇବର ଅପରାଧ ଗୁରୁଗ୍ରାମର ଏସିପି ପ୍ରିୟାଂଶୁ  ଦିୱାନ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ପୱନ ଦୁଗଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117  ଓ 011-23314444 ନମ୍ବରକୁ ଡାଏଲ୍

କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଟେଷ୍ଟ କ୍ରିକେଟ୍

ଓଭାଲ୍ ଟେଷ୍ଟରେ ଇଂଲଣ୍ଡ ବିରୁଦ୍ଧରେ ଭାରତ ଚିତାକର୍ଷକ ବିଜୟ ହାସଲ କରିଛି । ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ କ୍ରିକେଟ୍ ସିରିଜ୍ ୨-୨ରେ ଅମିମାଂଶିତ ଭାବେ ଶେଷ ହୋଇଛି । ଟେଷ୍ଟର ଆଜି ଅନ୍ତିମ ଦିନରେ ଇଂଲଣ୍ଡ ବିଜୟ ହାସଲ  ପାଇଁ ୩୫ ରନ୍ ଏବଂ ଭାରତ ୪ଟି ୱିକେଟ୍ ଆବଶ୍ୟକ କରୁଥିଲା । ଇଂଲଣ୍ଡ ତାର ଦ୍ୱିତୀୟ ଇନିଂସରେ ସମସ୍ତ ୱିକେଟ୍ ୩୬୭ରନ୍ ସ୍କୋର କରିଥିଲା । ଭାରତ ଏହି ଟେଷ୍ଟ ୬ରନ୍‌ରେ ବିଜୟ ହାସଲ କରିଛି । ଚୂଡ଼ାନ୍ତ ସ୍କୋର ଭାରତ ପ୍ରଥମ ଇନିଂସ ୨୨୪ରନ୍ ଏବଂ ଦ୍ୱିତୀୟ ଇନିଂସ ୩୯୬ରନ୍ । ଇଂଲଣ୍ଡ ପ୍ରଥମ ଇନିଂସ ୨୪୭ରନ୍ ଏବଂ ଦ୍ୱିତୀୟ ଇନିଂସ ୩୬୭ରନ୍ । ଇଂଲଣ୍ଡ ଗତକାଲିର ସ୍କୋର ୬ ୱିକେଟ୍‌ରେ ୩୩୯ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ୨୮ ରନ୍‌ରେ ବାକି ୪ଟି ୱିକେଟ୍ ହରାଇଥିଲା । ଇଂଲଣ୍ଡ ପକ୍ଷରୁ ଏହି ଇନିଂସରେ ଜୋ ରୁଟ୍ ଏବଂ ହ୍ୟାରି ବ୍ରୁକ୍ ଶତକ ହାସଲ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ସିରାଜ  ୫ଟି ୱିକେଟ୍, ପ୍ରସିଦ୍ଧ କ୍ରିଷ୍ଣା ୪ଟି ଏବଂ ଆକାଶଦୀପ ଗୋଟିଏ

ୱିକେଟ୍ ହାସଲ କରିଥିଲେ । ମହମ୍ମଦ ସିରାଜଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିବା ବେଳେ ଶୁଭମନ ଗିଲ୍ ଏବଂ ହ୍ୟାରି ବ୍ରୁକ୍‌ଙ୍କୁ ମିଳିତ ଭାବେ ପ୍ଲେୟାର୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଛି ।

## ଫାଷ୍ଟ ଟି-ଟ୍ୱେଣ୍ଟି ୱିମେନ୍ କ୍ରିକେଟ୍

ଆଇପିଏଲ୍ ଶୈଳୀରେ ପ୍ରଥମଥର ପାଇଁ ଭାରତରେ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ଖେଳାଯାଉଛି । ବେଙ୍ଗାଲୁରୁ ଠାରେ ଆଜିଠାରୁ ଆରମ୍ଭ ହେଇଥିବା ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମହିଶୁର ୱାରିୟର୍ସ୍, ହୁବଲି ଟାଇଗର୍ସ୍, କଲ୍ୟାଣୀ ବେଙ୍ଗାଲୁରୁ ବ୍ଲାଷ୍ଟର୍ସ୍, ମାଙ୍ଗାଲୁରୁ ଡ୍ରାଗନ୍ସ ଏବଂ ଶିବ୍‌ମୋଗା ଲାୟନ୍ସ ଦଳ ଅଂଶଗ୍ରହଣ କରୁଛନ୍ତି । ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍ ଠାରେ ଟି-ଟ୍ୱେଣ୍ଟି ମହାରାଣୀ ଟ୍ରଫି ହାସଲ ପାଇଁ ଏହି ଦଳ ଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।  ଆଜିର ପ୍ରଥମ ମ୍ୟାଚ୍‌ରେ ଶିବ୍‌ମୋଗା ଲାୟନ୍ସ’ ହୁବ୍‌ଲି ଟାଇଗର୍ସ୍‌କୁ ୧୫ରନ୍‌ରେ ପରାସ୍ତ କରିଛି ।

ଦ୍ୱିତୀୟ ମ୍ୟାଚ୍‌ଟି ମାଙ୍ଗାଲୁରୁ ଡ୍ରାଗନ୍ସ ଏବଂ ବେଙ୍ଗାଲୁରୁ ବ୍ଲାଷ୍ଟର୍ସ୍ ମଧ୍ୟରେ ଅନୁଷ୍ଠିତ ହୋଇଛି ।